ODM EDUCATIONAL GROUP
Changing your Tomorrow

# MORNING PRAYER



[redacted]



CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :3**

**CLASS :3**

**SUBJECT : ODIA**

**CHAPTER NUMBER: 11**

**CHAPTER NAME : ଏକତାର ବଳ**

**SUBTOPIC : ଅଭ୍ୟାସ – ୩ ପ୍ରଶ୍ନ ଉତ୍ତର ଓ ବାକ୍ୟ ଗଠନ**

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ପଠନ,କଥନ,ଶ୍ରବଣ ଓ ଲିଖନ ଶୈଳୀ ର ଅଭିବୃଦ୍ଧି କରାଇବା |



# ଏକତାର ବଳ










ODM EDUCATIONAL GROUP


# ଏକତାର ବଳ

ODM EDUCATIONAL GROUP
Changing your Tomorrow

ପିମ୍ପୁଡ଼ିଙ୍କ ଦିନେ ବସିଲା ସଭା
ବିଚାରିଲେ ଆଖୁଚାଷ କରିବା ।
ଯତନେ କିଆରି ତିଆରି କଲେ,
ବାଛିବାଛି ଚାରା ଲଗାଇ ଦେଲେ ।
କିଆରିରେ ଦେଲେ ବାଡ଼ ଘେରାଇ
ପାତିମାଙ୍କଡ଼କୁ ଦେଲେ ଜଗାଇ ।
ବଢ଼ିଗଲା ଆଖୁ ହେଲା ପାକଳ
ହାତୀର ପାଟିରୁ ଗଡ଼ିଲା ଲାଳ ।



483L61



ଆଖୁକିଆରିରେ ପଶିଲା ହାତୀ
ଚମ୍ପାଗଛଡାଳୁ ଡାକିଲା ପାତି ।
ଶୁଣିଲେ ପିମ୍ପୁଡ଼ି ଆସିଲେ ଧାଇଁ
ହାତୀ ପିମ୍ପୁଡ଼ିଙ୍କ ହେଲା ଲଢ଼େଇ ।
ପିମ୍ପୁଡ଼ି କାମୁଡ଼ା ସହି ନପାରି
ହାତୀ ପଳାଇଲା ଜୀବନ ଧରି ।
କିଆରିରେ ହାତୀ ରହିଲା ନାହିଁ
ଖୁସିରେ ପିମ୍ପୁଡ଼ି ଉଠିଲେ ଗାଇ ।
ହାତୀ ଖାଇଯିବ ଆମ ସମ୍ପତ୍ତି
ଛାଡ଼ିଦେବୁ ଆମେ ପିମ୍ପୁଡ଼ି ଜାତି ?

# ମିଳିମିଶି କାମ କଲେ ,
# ବିପଦ ନ ପଡଇ ଭଲେ

ODM
EDUCATIONAL GROUP
Changing your Tomorrow



# ଅଭ୍ୟାସ – ୩ ପଦ୍ୟଟି ପଢି ଉତ୍ତର ଲେଖ |

- ପିମ୍ପୁଡିମାନେ କି ଚାଷ କରିବା ପାଇଁ ବିଚାର କଲେ ?
- କିଏ  କିଆରି  ଜଗିଲା ?
- କଣ ଦେଖି ହାତୀର ପାଟିରୁ ଲାଳ ଗଡିଲା  ?
- ପାତି କେଉଁଠାରୁ  ଡାକ ଦେଲା  ?
- ପାତିର  ଡାକ ଶୁଣି ପିମ୍ପୁଡିମାନେ କଣ କଲେ  ?
- ପିମ୍ପୁଡିମାନେ ହାତୀ କବଳରୁ କିପରି ଆଖୁ କିଆରିକୁ ରକ୍ଷା କଲେ ?

# ଅଭ୍ୟାସ – ୩ ପଦ୍ୟଟି ପଢି ଉତ୍ତର ଲେଖ |

୧ -ପିମ୍ପୁଡିମାନେ କିଚାଷ କରିବା ପାଇଁ ବିଚାର କଲେ ?

ଉ- ପିମ୍ପୁଡିମାନେ ଆଖୁ ଚାଷ କରିବା ପାଇଁ ବିଚାର କଲେ

୨ -କିଏ  କିଆରି  ଜଗିଲା ?

ଉ- ପାତିମାଙ୍କଡ  କିଆରି  ଜଗିଲା  |

୩-କଣ ଦେଖି ହାତୀର ପାଟିରୁ ଲାଳ ଗଡିଲା  ?

ଉ- ପାକଳ ଆଖୁ ଦେଖି ହାତୀର ପାଟିରୁ ଲାଳ ଗଡିଲା |

# ଅଭ୍ୟାସ – ୩ ପଦ୍ୟଟି ପଢି ଉତ୍ତର ଲେଖ |

୪- ପାତି କେଉଁଠାରୁ  ଡାକ ଦେଲା  ?

ଉ-ଚମ୍ପାଗଛ ଡାଳରୁ ପାତି ଡାକ ଦେଲା  |

୫-ପାତିର  ଡାକ ଶୁଣି ପିମ୍ପୁଡିମାନେ କଣ କଲେ  ?

ଉ- ପାତିର  ଡାକ ଶୁଣି ପିମ୍ପୁଡିମାନେ ଧାଇଁ ଆସିଲେ |

୬-ପିମ୍ପୁଡିମାନେ ହାତୀକବଳରୁ କିପରି ଆଖୁକିଆରିକୁ ରକ୍ଷାକଲେ  ?

ଉ-ପିମ୍ପୁଡିମାନଙ୍କ କାମୁଡା ସହି ନ ପାରି ହାତୀ ଜୀବନବିକଳରେ ଆଖୁକିଆରି ଛାଡ଼ି ପଳାଇଗଲା, ଏହିପରି ଭାବରେ ପିମ୍ପୁଡିମାନେ ହାତୀ କବଳରୁ ଆଖୁ କିଆରିକୁ ରକ୍ଷା କଲେ |

## ପ୍ରତ୍ୟେକ ଶବ୍ଦକୁ ବ୍ୟବହାର କରିଗୋଟିଏ ଲେଖାଏଁ ବାକ୍ୟ ଲେଖ |

ଚାନ୍ଦୁଆ –

ସୁନ୍ଦର -

ଚମ୍ପାଫୁଲ -

ପିମ୍ପୁଡ଼ି-

ସମ୍ପତ୍ତି-

ହାତୀ-

ଆଖୁ-



## ପ୍ରତ୍ୟେକ ଶବ୍ଦକୁ ବ୍ୟବହାର କରିଗୋଟିଏ ଲେଖାଏଁ ବାକ୍ୟ ଲେଖ |

ଚାନ୍ଦୁଆ – ପିପିଲିରେ ଚାନ୍ଦୁଆ ମିଳେ |

ସୁନ୍ଦର –ବଗିଚାରେ ଫୁଲ ଗୁଡିକ ବହୁତ ସୁନ୍ଦର ଦେଖାଯାଉଛି |

ଚମ୍ପାଫୁଲ –ଚମ୍ପାଫୁଲର ସୁଗନ୍ଧ ସମସ୍ତଙ୍କୁ ଭଲ ଲାଗେ |

ପିମ୍ପୁଡି- ପିମ୍ପୁଡି ଏକ ପରିଶ୍ରମୀ ଜୀବ |

ସମ୍ପତ୍ତି- ବନ୍ୟସମ୍ପତ୍ତି ର ସୁରକ୍ଷା କରିବା ଉଚିତ |

ହାତୀ- ହାତୀ ଏକ ବଳଶାଳୀ ଜୀବ |

ଆଖୁ- ଆଖୁ ରସରୁ ଗୁଡ ତିଆରି ହୁଏ |

# ଗୃହକର୍ମ

## ଶ୍ରେଣୀଫର୍ଦ୍ଧ ଟିକୁ ମନେରଖ ।



## ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର  ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP